# କେବିକେରେ କେନ୍ଦ୍ରୀୟ...

ସମ୍ବଳ ବିକାଶ ମନ୍ତ୍ରୀ ଅର୍ଜୁନ ସିଂହଙ୍କୁ ଭେଟି ରାଜ୍ୟର ଆଇଆଇଟି ଓ ଆଇଆଇଏମ ଦାବିକୁ ଦୋହରାଇଥିଲେ। ଓଡ଼ିଶାର କେବିକେ ଜିଲାରେ ଏକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ମୁଖ୍ୟମନ୍ତ୍ରୀ ଦାବି ଉପସ୍ଥାପନ କରିଥିଲେ। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇପାରିଲେ କେବିକେ ଅଞ୍ଚଳର ଯୁବକଯୁବତୀ ପାରମ୍ପରିକ ଓ ଆଧୁନିକ ଧାରାରେ ଶିକ୍ଷାଗ୍ରହଣ କରିପାରିବେ ବୋଲି ମୁଖ୍ୟମନ୍ତ୍ରୀ ଦର୍ଶାଇଥିଲେ। ଯେ କୌଣସି ଅଞ୍ଚଳର ବିକାଶ ପାଇଁ ମାନବ ସମ୍ବଳର ବିକାଶ ନିତାନ୍ତ ଜରୁରୀ। ତେଣୁ ବିଭିନ୍ନ ପାଠ୍ୟକ୍ରମ ଥିବା ଏପରି ଏକ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ପ୍ରଦାନ କରିଥିଲେ। ଏହି ବିଶ୍ୱବିଦ୍ୟାଳୟ ଅଧୀନରେ ବେସିକ୍ ସାଇନ୍ସ, ମାନବ ବିଜ୍ଞାନ, ଆଇନ, ମେଡିସିନ୍, କୃଷି ଓ ଉଦ୍ୟାନ କୃଷି ଆଦି ବିଷୟରେ ଆତ୍ୟାଧୁନିକ ପାଠ୍ୟକ୍ରମଖୋଲାଯିବାକୁ ମୁଖ୍ୟମନ୍ତ୍ରୀ କେନ୍ଦ୍ର ମନ୍ତ୍ରୀଙ୍କୁ ନିବେଦନ କରିଛନ୍ତି। ଏକାଦଶ ଅର୍ଥ କମିଶନ ଯୋଜନା ଅବଧିରେ ହିଁ ଓଡ଼ିଶାରେ ଆଇଆଇଟି ଓ ଆଇଆଇଏମ ପ୍ରତିଷ୍ଠା କରାଯିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଙ୍କୁ ଜଣାଇଥିଲେ। ଶିଳ୍ପରେ ପ୍ରଭୂତ ବିକାଶ କରୁଥିବା ଓଡ଼ିଶାରେ ବୈଷୟିକ ଶିକ୍ଷାର ବିକାଶ ଓ ଗବେଷଣା ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଙ୍କୁ ଦର୍ଶାଇଥିଲେ। ଏଠାରେ ଆଇଆଇଟି ଓ ଆଇଆଇଏମ ପ୍ରତିଷ୍ଠା କରାଗଲେ ରାଜ୍ୟର ଶିଳ୍ପଗୁଡ଼ିକ ବିଶ୍ୱବଜାରରେ ପ୍ରତିଯୋଗିତା କରିବାରେ ଅଧିକ ସକ୍ଷମ ହୋଇପାରିବେ ଓ ରାଜ୍ୟରେ ପେସାଦାର ମନୋଭାବ ସୃଷ୍ଟି ହେବାରେ ସହାୟକ ହୋଇପାରିବ। ଅର୍ଥନୀତିର ଆବଶ୍ୟକତା ମେଣ୍ଟାଇବାକୁ ଏହି ଆଇଆଇଟିରୁ ପେସାଦାର ତାଲିମଧାରୀମାନେ ବାହାରିପାରିବେ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଙ୍କୁ ଜଣାଇଥିଲେ। ଆଇଆଇଟି, ଆଇଆଇଏମ ଓ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଓଡ଼ିଶାରେ ପ୍ରତିଷ୍ଠା ପାଇଁ ପର୍ଯ୍ୟାପ୍ତ ସୁଯୋଗ ରହିଛି ବୋଲି ମାନବ ସମ୍ବଳ ବିକାଶ ମନ୍ତ୍ରୀ ଶ୍ରୀ ସିଂହ କହିଥିଲେ। ରାଜ୍ୟରେ ଶିଳ୍ପର ଅଭିବୃଦ୍ଧି ଯୋଗୁଁ ଆଇଆଇଟି ଓ ଆଇଆଇଏମ ପ୍ରତିଷ୍ଠା ଉପରେ ଶ୍ରୀ ସିଂହ ସର୍ବାଧିକ ଗୁରୁତ୍ୱ ଦେଇଥିଲେ। ଏ ସଂକ୍ରାନ୍ତରେ କେନ୍ଦ୍ର ସରକାର ଖୁବଶୀଘ୍ର ନିଷ୍ପତ୍ତି ଗ୍ରହଣ କରିବେ ବୋଲି ସେ ପ୍ରତିଶ୍ରୁତି ଦେଇଛନ୍ତି।

ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କେନ୍ଦ୍ର ସହରାଞ୍ଚଳ ବିକାଶ ମନ୍ତ୍ରୀ ଏସ. ଜୟପାଲ ରେଡ୍ଡିଙ୍କୁ ଭେଟି ରାଜ୍ୟର ବିଭିନ୍ନ ସହରର ବିକାଶ ପାଇଁ ପର୍ଯ୍ୟାପ୍ତ ଅର୍ଥ ଯୋଗାଇଦେବାକୁ ଦାବି କରିଥିଲେ। ଜବାହରଲାଲ ନେହେରୁ ନ୍ୟାସନାଲ ଅର୍ବାନ ରିନ୍ୟୁଆଲ ମିଶନ ଜରିଆରେ ରାଜ୍ୟକୁ ୨୫୦୦ କୋଟି ଟଙ୍କା ଓ ମଧ୍ୟମ ଓ ଛୋଟ ସହରର ଭିତ୍ତିଭୂମି ବିକାଶ ଯୋଜନାରେ ରାଜ୍ୟକୁ ୧୦୦୦ କୋଟି ଟଙ୍କା ଯୋଗାଇ ଦେବାକୁ ମୁଖ୍ୟମନ୍ତ୍ରୀ ଦାବି କରିଥିଲେ। ଜବାହରଲାଲ ନେହେରୁ ନ୍ୟାସନାଲ ଅର୍ବାନ ରିନ୍ୟୁଆଲ ମିଶନ ଅଧୀନରେ ଚାଲୁଥିବା ଅର୍ବାନ ଇନ୍‌ଫ୍ରାଷ୍ଟ୍ରକଚର ଗଭର୍ଣ୍ଣାନ୍ସ ପାଇଁ କେନ୍ଦ୍ର ସରକାର ଓଡ଼ିଶାକୁ ୫୦୪ କୋଟି ଟଙ୍କା ପ୍ରଦାନ କରିଥିବା ମୁଖ୍ୟମନ୍ତ୍ରୀ ଶ୍ରୀ ରେଡ୍ଡିଙ୍କୁ ଅବଗତ କରାଇଥିଲେ। ସେହିପରି ୟୁଆଇଡିଏସଏସ ଏମଟି ଯୋଜନାରେ ୧୪୪ କୋଟି ଟଙ୍କା ପ୍ରଦାନ କରାଯାଇଥିବା ସେ କହିଥିଲେ। ଜବାହରଲାଲ ନେହେରୁ ନ୍ୟାସନାଲ ଅର୍ବାନ ରିନ୍ୟୁଆଲ ମିଶନରେ ୨୫୦୦ କୋଟି ଟଙ୍କା ପ୍ରଦାନ ପାଇଁ ରାଜ୍ୟ ସରକାର ତାଙ୍କ ଭାଗ ଦେବା କଥା, ମାତ୍ର ସେ ବାବଦରେ ରାଜ୍ୟ ସରକାର ମାତ୍ର ୨୩୧.୦୯ କୋଟି ଟଙ୍କା ପ୍ରଦାନ କରିଛନ୍ତି ବୋଲି ଶ୍ରୀ ରେଡ୍ଡି ସୂଚନା ଦେଇଥିଲେ। ତେବେ କେନ୍ଦ୍ର ସରକାର ଯେତେସମ୍ଭବ ସହାୟତା ଯୋଗାଇଦେବେ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ମନ୍ଦିରମାଳିନୀ ସହର ଭୁବନେଶ୍ୱର ଓ ପୁରୀ ଧାମକୁ ବିଶ୍ୱଶ୍ରେଣୀର ସହରରେ ପରିଣତ କରିବାକୁ କେନ୍ଦ୍ର ସରକାର ସହାୟତା ଯୋଗାଇଦେବେ ବୋଲି ଶ୍ରୀ ରେଡ୍ଡି କହିଥିଲେ। ଅର୍ଥନୈତିକ ଦୁର୍ବଳ ଶ୍ରେଣୀର ଲୋକଙ୍କୁ ବାସଗୃହ ଯୋଗାଇ ଦେବା ପାଇଁ ରାଜ୍ୟ ସରକାରଙ୍କ ଉଦ୍ୟମକୁ ପ୍ରଶଂସା କରିବା ସହ ଏ ଦିଗରେ ସହାୟତା ଯୋଗାଇଦେବାକୁ ମଧ୍ୟ ଶ୍ରୀ ରେଡ୍ଡି ପ୍ରତିଶ୍ରୁତି ଦେଇଥିଲେ।